بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୦ ଅପ୍ରେଲ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ହଜରତ ମସିହ ମଉଦ[ଅ.ସ]ଙ୍କ ପବିତ୍ର ଜୀବନୀ ଆଲୋକରେ ଈଶ୍ୱରଙ୍କର ଏକତ୍ୱର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ] ନିଜ ପ୍ରିୟ ମୁନିବଙ୍କର ଅନୁକରଣ କରି ଏକେଶ୍ୱରବାଦକୁ ସ୍ଥାପନ କରିବା ସକାଶେ ପ୍ରାଣମୂର୍ଚ୍ଛା ଉଦ୍ୟମ ତଥା ତାଙ୍କର ବ୍ୟବହାରିକ ନମୁନା ଓ ନିଜ ଅନୁଗାମୀମାନଙ୍କୁ ଉପଦେଶ ଦେବା ସହିତ ସେମାନଙ୍କର ପ୍ରଶିକ୍ଷଣ କରୁଥିଲେ, ସେହି ପରିପ୍ରେକ୍ଷୀରେ କିଛି ଘଟଣାବଳୀ ଉପସ୍ଥାପନ କରିବି । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଜଣେ ବ୍ୟକ୍ତିର ପୁତ୍ର ମୃତ୍ୟୁବରଣ କଲା, ଏଥିରେ ତାଙ୍କର ଜଣେ ବନ୍ଧୁ ଶୋକ ବ୍ୟକ୍ତ କରିବାକୁ ତାଙ୍କ ନିକଟକୁ ଗଲେ । କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଚିତ୍କାର କରି ବାନ୍ଦିବାକୁ ଲାଗିଲେ ଓ କହିଲେ; ଈଶ୍ୱର ମୋ ପ୍ରତି ଘୋର ଅନ୍ୟାୟ କରିଛନ୍ତି । ତାହା ବିଚାରରେ ଯେମିତିକି ଈଶ୍ୱର ତାହାର କୌଣସି ଅଧିକାର ମାରି ଦେଇଥିଲେ । କିନ୍ତୁ ଚିନ୍ତା କରିବା ଉଚିତ୍ ଯେ ସେହି ଅଧିକାର କ'ଣ, ଯାହାକି ଭକ୍ତର ଈଶ୍ୱରଙ୍କ ଉପରେ ରହିଛି ?

ମନୁଷ୍ୟକୁ ସର୍ବଦା ଏହି ଧାରଣ ରଖିବା ଉଚିତ୍ ଯେ ଯେଉଁ ପୁରସ୍କାର, ଯେଉଁ ସନ୍ତାନ ଆମମାନଙ୍କୁ ପ୍ରାପ୍ତ ହୋଇଛି, ତାହା କେବଳ ଅଲ୍ଲାଃତାଲା ଅନୁଗ୍ରହ ମାତ୍ର । ଆଉ ଏହା ଆବଶ୍ୟକ କରୁଅଛି, ଯେ ଆମେ ସର୍ବଦା ଅଲ୍ଲାଃତାଲାଙ୍କ ଛାମୁରେ ନତମସ୍ତକ ହୋଇ ରହିବା ଉଚିତ୍ ଏବଂ ନିଜ ଆଚରଣ ଓ ଉଚ୍ଚାରଣ ଦ୍ୱାରା ତାଙ୍କ ଏକେଶ୍ୱରବାଦର ପରିପ୍ରକାଶ କରିବା ଉଚିତ୍ । କଦାପି ନିମିତ ମାତ୍ର ମଧ୍ୟ **ଶିର୍କ** (ଅନ୍ୟକୁ ଈଶ୍ୱରଙ୍କର ସମତୁଲ୍ୟ କରିବା) ଭାବନା ମନରେ ଉତ୍ପନ୍ନ ହେବା ଉଚିତ୍ ନୁହେଁ । କଦାପି ଏହା ମଣିବା ଉଚିତ୍ ନୁହେଁ, ଯେ ଆମର ଈଶ୍ୱରଙ୍କ ଉପରେ ଅଧିକାର ରହିଛି । ସାମାନ୍ୟ ଉପାସନା କରିବା ଦ୍ୱାରା ଈଶ୍ୱରଙ୍କର ଅଧିକାର ସମ୍ପନ୍ନ ହୋଇଯାଇ ନଥାଏ । ବରଂ ଆମେ ନିଜ ଫାଇଦା ପାଇଁ ତାହା କରିଥାଉ । ହଜରତ ମସିହ ମଉଦ[ଅ.ସ] ନିଜ ପୁତ୍ର ମିର୍ଜା ମୁବାରକ ଅହମଦଙ୍କୁ ଅହେତୁକ ପ୍ରେମ କରୁଥିଲେ ଓ ତାଙ୍କର ବ୍ୟାଧିରେ ଆକ୍ରାନ୍ତ ହେବା ଅବଧିରେ ହୁଜୁର[ଅ.ସ] ଯଥାସମ୍ଭବ ଉପଚାରର ବ୍ୟବସ୍ଥା ମଧ୍ୟ କରିଥିଲେ । ଜମାଅତ ଅହମଦିୟାର ପ୍ରଥମ ଖଲିଫା ଏକଥା ହୃଦୟଙ୍ଗମ କରୁଥିଲେ ଯେ ଯଦି ଏହି ବ୍ୟାଧିରେ ମୁବାରକ ଅହମଦ ଦେହତ୍ୟାଗ କରନ୍ତି, ତେବେ ହଜରତ ମସିହ ମଉଦ[ଅ.ସ]ଙ୍କୁ ଭୀଷଣ ଭାବରେ ଧକ୍କା ଲାଗିବ । କିନ୍ତୁ ଯେତେବେଳେ ମୁବାରକ ଅହମଦଙ୍କର ମୃତ୍ୟୁ ହେଲା ସେତେବେଳେ ହୁଜୁର[ଅ.ସ] ଅତି ଧୈର୍ଯ୍ୟର ସହିତ ନିଜ ବନ୍ଧୁମାନଙ୍କୁ ପତ୍ର ଲେଖିଲେ, ଯେ ମୁବାରକ ଅହମଦର ଅକାଳ ବିୟୋଗ ହେଲା । କିନ୍ତୁ ଏଥିରେ ବିବ୍ରତ ହେବା ଉଚିତ୍ ନୁହେଁ । ଏହା ଅଲ୍ଲାଃତାଲାଙ୍କର ଧାର୍ଯ୍ୟ ବିଧାନ ଥିଲା, ସେଥିରେ ଆମକୁ ଧୈର୍ଯ୍ୟରକ୍ଷା କରିବା ଉଚିତ୍ । ତା'ପରେ ପଦାକୁ ବାହାରି ସ୍ମିତହାସ୍ୟ ପ୍ରକାଶ କଲେ ଓ ଅଭିଭାଷଣ ଦେଲେ, ମୁବାରକ ଅହମଦ ସଂପର୍କରେ ଅଲ୍ଲାଃତାଲାଙ୍କର ଯେଉଁ ଐଶୀ ସୂଚନା ଥିଲା, ତାହା ପୂରଣ ହୋଇଗଲା । ଅତଏବ ମହାଭାଗଙ୍କର କବିତା ବି ରହିଛି- "ବୁଲାନେ ୱ୍ୱାଲା ହୈ ସବ୍ ସେ ପ୍ୟାରା ଉସି ପେ ଆୟେ ଦିଲ୍ ତୁ ଜାଁ ଫିଦା କର୍"

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ] କହୁଥିଲେ, ସୁଲତାନ୍ ଅବ୍ଦୁଲ୍ ହମିଦ୍ ଖାନ୍‌ର ଅନେକ କଥା ତ୍ରୁଟିପୂର୍ଣ୍ଣ ଥିଲା । କିନ୍ତୁ ତାହାର ଗୋଟିଏ କଥା ପସନ୍ଦ ଯୋଗ୍ୟ ଥିଲା, ତାହା ଏହିକି ଯେ ଯେତେବେଳେ ତାହାର ମନ୍ତ୍ରିପରିଷଦ ଯୁଦ୍ଧରୁ ବର୍ତ୍ତିବା ନିମନ୍ତେ ବିଭିନ୍ନ ବାହାନା ଓ ଦୁର୍ବଳତା ଗଣନା କରାଇଲେ ସେତେବେଳେ ସୁଲ୍‌ତାନ୍ କହିଲା; **କିଛି ବିଷୟ ଈଶ୍ୱରଙ୍କ ଉପରେ ଛାଡ଼ି ଦେବା ଉଚିତ୍** । ଏହି ଘଟଣାର ଚର୍ଚ୍ଚା କରି ହଜରତ ମସିହ ମଉଦ[ଅ.ସ] ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଆଶା ଭରସା (ଆସ୍ଥା) ରଖିବାକୁ ଗୁରୁତ୍ୱ ଦେଇଛନ୍ତି ।

ଦେଖ ହଜରତ ମସିହ ମଉଦ[ଅ.ସ] ମୁଣ୍ଡବ୍ୟଥା ବ୍ୟାଧିରେ ଆକ୍ରାନ୍ତ ଥିଲେ । ଜଣେ ବୈଦ୍ୟ ସଂକ୍ରାନ୍ତରେ ଶୁଣିବାକୁ ମିଳିଲା ଯେ ସେ ଏହି ରୋଗର ବିଶେଷଜ୍ଞ ଅର୍ଥାତ୍ ଏହି ରୋଗ ସମ୍ବନ୍ଧରେ ବିଶେଷ ଦକ୍ଷତା ରଖୁଛି । ତେଣୁ ତାହାକୁ ଡ଼କାଗଲା ସେ ଆସି ହୁଜୁର[ଅ.ସ]ଙ୍କର ନିରୀକ୍ଷଣ କଲା ଏବଂ କହିଲା, ମୁଁ ଦୁଇ ଦିନରେ ଆପଣଙ୍କୁ ସୁସ୍ଥ କରିଦେବି । ଏହା ଶୁଣିବା ମାତ୍ରେ ହୁଜୁର[ଅ.ସ] ଭିତରକୁ ଚାଲିଗଲେ । ଆଉ ହଜରତ ମୌଲବୀ ନୁରୁଦ୍ଦିନ୍ ସାହେବ[ର.ଅ]ଙ୍କୁ ସୂଚନା ଦେଲେ ଯେ ସେହି ଲୋକ ଠାରୁ ମୁଁ ନିଜର ଚିକିତ୍ସା କଦାପି କରାଇବି ନାହିଁ । ସେ ତ ଈଶ୍ୱର ହେବାର ଦାବି କରୁଛି । ତାକୁ ବାଟ ଖର୍ଚ୍ଚ ସହିତ ଅତିରିକ୍ତ ୨୫ଟଙ୍କା ଦେଇ ଫେରାଇ ଦିଅ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମହିମାମୟ ଅଲ୍ଲାଃତାଲା ତାହାର ମାନସମ୍ମାନ କରିଥା'ନ୍ତି ଯିଏ ତାଙ୍କ ବଡ଼ିମା ଓ ପଦମର୍ଯ୍ୟାଦା ସକାଶେ ନିଜ ଅନ୍ତରରେ ଉତ୍ତେଜନା ରଖିଥା'ନ୍ତି । **ଏପରି ଲୋକମାନେ ଏକ ସଂକିର୍ଣ୍ଣ ପଥ ମଧ୍ୟଦେଇ ଅତିକ୍ରମ କରିଥା'ନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତି ତାଙ୍କ ସହିତ (ସେହି ଦୁରୂହ ମାର୍ଗରେ) ଯାତ୍ରା କରିପାରି ନଥାଏ** । ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ସକାଶେ ହୃଦୟରେ ଉତ୍କଣ୍ଠା ନଥାଏ, ସେପର୍ଯ୍ୟନ୍ତ ମନୁଷ୍ୟକୁ ଆତ୍ମସନ୍ତୋଷ ଲାଭ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ହୃଦୟରେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ସକାଶେ ବ୍ୟକ୍ତିଗତ ଆଗ୍ରହ ଓ ଉଦ୍ଦୀପନା, ମନର ମଳିନତା ତଥା ନିଜ ସାଂସାରିକ ମୁନାଫା ଓ ମଙ୍ଗଳ କାମନାରୁ ମୁକ୍ତ ହୋଇଯାଇ ନଥାଏ, ସେପର୍ଯ୍ୟନ୍ତ ତାହାର କୌଣସି ଉପାସନ ଓ ଆରାଧନା ତଥା ଦାନଦକ୍ଷିଣା ଗ୍ରହୀତ ହୋଇ ନଥାଏ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସୁତରାଂ ଦୁଆ ସ୍ୱୀକୃତ ହେବା ସକାଶେ ଏହା ଜରୁରୀ ଯେ ଏକେଶ୍ୱରବାଦ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ପୋଷଣ କରିବା ସହିତ ତାଙ୍କ ପ୍ରେମ ତଥା ପ୍ରୀତିଭାଜନ ଲାଭ କରିବା ପାଇଁ ସର୍ବପ୍ରଥମେ ଦୁଆ କରନ୍ତୁ । ଯେଉଁ ଲୋକମାନେ ପତ୍ର ଲେଖୁଛନ୍ତି, ଯେ ଆମେମାନେ ବହୁତ ଦୁଆ କଲୁ, ଆମେ ଏପରି କଲୁ, ସେପରି କଲୁ, **ନଫିଲ୍ ନମାଜ୍** ପାଠ କଲୁ, ଦାନଦକ୍ଷିଣା ଦେଲୁ, କିନ୍ତୁ ଆମର ଦୁଆ ଗ୍ରହୀତ ହେଲା ନାହିଁ । ସେମାନଙ୍କୁ ଏଥିପ୍ରତି ଧ୍ୟାନ ପୂର୍ବକ ଚିନ୍ତନ କରିବା ଉଚିତ୍ । କାରଣ ଏହି ଗୂଢ଼ତତ୍ତ୍ୱ ଯୁଗାବତାର ହଜରତ ମସିହ ମଉଦ[ଅ.ସ] (ଆମମାନଙ୍କୁ) ବତାଇଛନ୍ତି । ହଜରତ ମସିହ ମଉଦ[ଅ.ସ]ଙ୍କୁ ସମ୍ବୋଧନ କରି ଐଶ୍ୱର୍ଯ୍ୟମୟ ଅଲ୍ଲାଃତାଲା କହିଲେ; ଯେହେତୁ ଚଳିତ ଯୁଗରେ ତୁମେ ଆମ ଏକେଶ୍ୱରବାଦର ଧ୍ୱଜାକୁ ବହନ କରୁଅଛ ଏବଂ ଏକେଶ୍ୱରବାଦର ସେହି ଶିକ୍ଷା ଯାହାକୁ ତୁମ୍ଭେ ହିଁ ଜଗତରେ ପୁନର୍ବାର ସ୍ଥାପନ କରୁଅଛ ତେଣୁ ହେ ମସିହ ମୁହମ୍ମଦୀ ! ତୁମେ ମୋତେ ସେହିପରି ପ୍ରିୟ ଯେପରି ଆମ୍ଭର ଏକ ଓ ଅଦ୍ୱିତୀୟ ହେବା ଏବଂ ଯେହେତୁ ଖ୍ରୀଷ୍ଟଧର୍ମୀମାନେ ମିଥ୍ୟା ଓ ପ୍ରବଂଚନା ପୂର୍ବକ ନିଜ ମସିହକୁ ଈଶ୍ୱରଙ୍କ ଅସଲ ପୁତ୍ର ଗଢ଼ି ନେଇଛନ୍ତି । ତେଣୁ ମୋର ସ୍ୱାଭିମାନ ଆବଶ୍ୟକ କରୁଛି ଯେ ଆମ୍ଭେ ତୁମକୁ ଏପରି ପ୍ରେମ କରିବୁ ଯେପରି ନିଜ ସନ୍ତାନକୁ ସ୍ନେହ ଆଦର କରାଯାଇଥାଏ । ଯଦ୍ୱାରା ସଂସାରବାସୀଙ୍କ ଉପରେ ଏକଥା ସ୍ପଷ୍ଟ ହୋଇଯିବ ଯେ (ହୁଜୁର[ଅ.ସ]) ହଜରତ ମୁହମ୍ମଦ[ସ.ଅ]ଙ୍କ ଶିଷ୍ୟମାନଙ୍କ ପରି **ଅତ୍‌ଫାଲୁଲ୍ଲାଃ** (ଅଲ୍ଲାଃଙ୍କ ବାଳକ) ସ୍ତରରେ ପହଞ୍ଚି ପାରିବେ ।

ହୁଜୁର[ଅ.ସ] କହିଛନ୍ତି; ଈଶ୍ୱର ଏହା ଇଚ୍ଛା କରିଛନ୍ତି, ଯେ ଏସମସ୍ତ ଆତ୍ମାସମୂହ ଯାହାକି ଭୂପୃଷ୍ଠରେ ବିଭିନ୍ନ ସ୍ଥାନରେ ରହିଛନ୍ତି । ସେ ୟୁରୋପବାସୀ ହେଉ ଅବା ଏସିଆବାସୀ ସମସ୍ତେ ଯିଏକି ପୁଣ୍ୟ ସ୍ୱଭାବୀ, ସେମାନଙ୍କୁ ଏକେଶ୍ୱରବାଦ ଆଡ଼କୁ ଆକର୍ଷିତ କରିବେ ଓ ନିଜ ଭକ୍ତମାନଙ୍କୁ **ଦିନେ ଓ୍ୱାହିଦ୍** (ଗୋଟିଏ ଧର୍ମ)ରେ ଏକତ୍ରୀତ କରିବେ । ଏହା ହିଁ ଈଶ୍ୱରଙ୍କ ଉଦ୍ଦେଶ୍ୟ ଯେଉଁଥିପାଇଁ ମୁଁ ସଂସାରରକୁ ପ୍ରେରିତ । ଅତଃ ତୁମେ ଏହି ଉଦ୍ଦେଶ୍ୟର

ଅନୁସରଣ କର କିନ୍ତୁ ବିନମ୍ରତା ସହକାରେ, ସାଦରେ ଓ ଦୁଆ କରିବା ସହିତ ସମ୍ପାଦନ କର । ପୁନଶ୍ଚ ପୁଣ୍ୟଶ୍ଳୋକ କୁହନ୍ତି; ମୋର ସକଳ ଅଭିଳାଷା ଏହିଥିରେ ନିହିତ ଏବଂ ମୋର ଆବିର୍ଭାବର ମୂଳ ଉଦ୍ଦେଶ୍ୟ ଏହିକି ଯେ ଈଶ୍ୱରଙ୍କ ଏକତ୍ୱ ଓ ତାଙ୍କ ପ୍ରିୟ ଅବତାର ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ସମ୍ମାନ ଓ ଗାରିମାକୁ ସଂସାରରେ ସ୍ଥାପିତ କରିବା ।

ଥରେ ହଜରତ ମସିହ ମଉଦ[ଅ.ସ] କହିଲେ; ମୋର **ବୈଅତ୍** (ଦୀକ୍ଷା) ନେବାରେ ଅସଲ ଉଦ୍ଦେଶ୍ୟ ଈଶ୍ୱରଙ୍କ ଏକତ୍ୱ ଓ ତାଙ୍କ ପ୍ରିୟ ଅବତାର ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ସମ୍ମାନ ଓ ଗରିମାକୁ ସଂସାରରେ ପ୍ରତିଷ୍ଠା କରିବା । କାଦିୟାନରେ ହଜରତ ମସିହ ମଉଦ[ଅ.ସ]ଙ୍କର ପିରାଁ ଦତ୍ତା ନାମକ ଜଣେ ସେବକ ଥିଲେ । ସଭିଏଁ ତାଙ୍କୁ ଏହି ନାମରେ ଡ଼ାକୁଥିଲେ । କିନ୍ତୁ ହୁଜୁର[ଅ.ସ] ତାଙ୍କୁ ପେରୀ ଦତ୍ତା ନାମରେ ସମ୍ବୋଧନ କରୁଥିଲେ । ଅର୍ଥାତ୍ ମୋର ମୁନିବ ଅଲ୍ଲାଃଙ୍କ ପ୍ରଦତ୍ତ । ଦେଖ ପରାକ୍ରମୀ ଅଲ୍ଲାଃ ହୁଜୁର[ଅ.ସ]ଙ୍କୁ ଦୈବିବାଣୀ କଲେ, **ଖୁଜୁ ଅତ୍‌ତୌହିଦୀ ଅତ୍‌ତୌହିଦୀ ୟା ଅବ୍‌ନାଉଲ୍ ଫାରସ୍** ଏହି ଦୈବିବାଣୀ ନିଜର ବଞ୍ଚି ରହିବା ଓ ଉନ୍ନତି କରିବାର ରହସ୍ୟ ତଥା ହୁଜୁର[ଅ.ସ]ଙ୍କ ସନ୍ତାନ, ଆଉ ମହାଭାଗଙ୍କ ଅନୁଗାମୀମାନଙ୍କ ପାଇଁ ଉଦ୍ଦିଷ୍ଟ । ଯେତେବେଳେ ଅମେମାନେ ହୁଜୁର[ଅ.ସ]ଙ୍କର **ବୈଅତ୍** କରିନେଲେ ସେତେବେଳେ ଆମେମାନେ ତାଙ୍କ ସନ୍ତାନ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲେ । ତେଣୁ ଯଦି ତାହାକୁ ଧରି ରଖିବା ତେବେ ଉଭୟ ଇହ ଓ ପରକାଳରେ ସଫଳତା ଲାଭ କରିପାରିବା । ନଚେତ୍ ନା କୌଣସି ରକ୍ତର ସମ୍ପର୍କ ସୁଫଳ ଦେବ, ଆଉ ନା ତୁମର ନାମକୁ ମାତ୍ର **ବୈଅତ୍** କରିବା । ଈଶ୍ୱରଙ୍କ ମୁକାବିଲାରେ ଜଣେ ଦୁର୍ବଳ ଓ ତୁଚ୍ଛ ମଣିଷକୁ ମର୍ଯ୍ୟାଦା ପ୍ରଦାନ କରିବାକୁ ହଜରତ ମସିହ ମଉଦ[ଅ.ସ] ଅତ୍ୟନ୍ତ ଘୃଣା କରୁଥିଲେ । ସୁତରାଂ ଅନେକ ଥର ହୁଜୁର[ଅ.ସ] ନିଜ ଅନୁଚରମାନଙ୍କୁ ଅବା ଆପଣଙ୍କ ଗହଣରେ ଉପସ୍ଥିତ ମଣ୍ଡଳୀକୁ ସାକ୍ଷାତ କରିବା ସମୟରେ ମହାଭାଗଙ୍କର ଚରଣ ସ୍ପର୍ଶ କରିବାକୁ ଦୃଢ଼ ଉକ୍ତିରେ ନିନ୍ଦା ଓ ବାରଣ କରୁଥିଲେ ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ମୁଁ ଏହି ବିଷୟକୁ ଅତି ତୀବ୍ର ବିରୋଧ କରୁଅଛି, ଯେ ମୋର କୌଣସି ଫଟୋ ଉଠାଅ ଓ ତାହାକୁ ମୂର୍ତ୍ତିପୂଜା ପରି ନିଜ ନିକଟରେ ରଖ ଅବା ପ୍ରକାଶିତ କର । ମୁଁ ଏପରି କରିବାର କଦାପି ଆଦେଶ ଦେଇ ନାହିଁ, ଯେ କେହି ଏପରି କରନ୍ତୁ । ମୋ ଠାରୁ ବଳି ମୂର୍ତ୍ତିପୂଜା ଓ ଫଟୋର ପୂଜା କରିବାର ଶତ୍ରୁ ଏହି ଜଗତରେ ଅନ୍ୟ କେହି ନଥିବେ । କିନ୍ତୁ ମୁଁ ଦେଖିବାକୁ ପାଉଛି ଯେ ସମ୍ପ୍ରତି ୟୁରୋପ ନିବାସୀ ଯେଉଁ ବ୍ୟକ୍ତିର ଆଲେଖ୍ୟ ପାଠ କରିବାକୁ ଆଗ୍ରହିତ ହୋଇଥା'ନ୍ତି, ପ୍ରଥମେ ତାହାର ଫଟୋ ଦେଖିବାକୁ ଇଚ୍ଛା ପ୍ରକଟ କରିଥା'ନ୍ତି । କାରଣ ୟୁରୋପର ଲୋକଙ୍କ ପାରଦର୍ଶିତା ବେଶ ଉର୍ଦ୍ଧ୍ୱରେ ରହିଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫଟୋ ଦେଖି ବ୍ୟକ୍ତିକୁ ଚିହ୍ନି ନେଇଥା'ନ୍ତି ଯେ ଦାବୀଦାର ବ୍ୟକ୍ତି ଜଣକ ସତ୍ୟବାଦୀ ଅବା ମିଥ୍ୟାବାଦୀ । ଆଉ ସହସ୍ର କୋଶ ଦୂରରେ ରହିଥିବା ଯୋଗୁଁ ସେମାନେ ଆମ ପାଖରେ ଆସି ପହଞ୍ଚିବା ମଧ୍ୟ ସମ୍ଭବ ନୁହେଁ, ଆଉ ନା ଆମ ଚେହେରା ଦେଖିପାରିବେ । ସୁତରାଂ ସେହି ଦେଶର ପାରଦର୍ଶୀ ଲୋକମାନେ ଫଟୋ ମାଧ୍ୟମରେ ଆତ୍ମର ଅଭ୍ୟନ୍ତରୀଣ ଅବସ୍ଥାକୁ ଧ୍ୟାନ ପୂର୍ବକ ନିରୀକ୍ଷଣ କରିଥା'ନ୍ତି । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ୟୁରୋପ ଅବା ଆମେରିକାରୁ ମୋ ନିକଟକୁ ପତ୍ର ପ୍ରେରଣ କରିଛନ୍ତି ଏବଂ ସେମାନେ ନିଜ ପତ୍ରରେ ଏହା ଉଲ୍ଲେଖ କରିଛନ୍ତି, ଯେ ଆମେ ଆପଣଙ୍କ ଫଟୋକୁ ନିରିଖି ଦେଖିଲୁ ଓ ନିଜ ବୌଦ୍ଧିକ ଜ୍ଞାନ ମାଧ୍ୟମରେ ଆମକୁ ଏହା ସ୍ୱୀକାର କରିବାକୁ ପଡିଲା ଯେ ଏହି ବ୍ୟକ୍ତି ଜଣକ ମିଥ୍ୟାବାଦୀ ନୁହେଁ । ଆମେରିକାର ଜଣେ ମହିଳ ମୋ ଫଟୋ ଦେଖି ପତ୍ର ଲେଖିଛନ୍ତି, 'ଯେ ଯୀଶୁ ମସିହ[ଅ.ସ]ଙ୍କର ଫଟୋ' । ଅତଃ ଏହି ଉଦ୍ଦେଶ୍ୟରେ ଓ ଏହି ସୀମା ପର୍ଯ୍ୟନ୍ତ ମୁଁ ଫଟୋ ଉଠାଇବାକୁ ଅନୁମତି ଦେଇଛି । ଫଟୋ ଓ ଚିତ୍ର ଅଙ୍କନ ଦ୍ୱାରା ଜ୍ଞାନରେ ଖୁବ୍ ଉନ୍ନତି ଘଟିଥାଏ, ଯେପରି ଜୀବଜନ୍ତୁ ଓ ରୋଗ ଚିହ୍ନଟ କରିବାରେ ସାହାଯ୍ୟ ମିଳିଥାଏ । ତେଣୁ ତାହାକୁ ଅବୈଧ କରିବା ଠିକ୍ ନୁହେଁ, ଇସଲାମ୍ କେବଳ ସେହି କାର୍ଯ୍ୟ କରିବାକୁ ବାରଣ କରିଥାଏ, ଯାହାକି **ଶିର୍କ** ଓ ଅନୈତିକ ମାର୍ଗ ଆଡ଼କୁ ଟାଣି ନେଇଥାଏ, ନାକି ସେହି ବସ୍ତୁ ଯାହାକି ଜ୍ଞାନ ଓ ହିତ ସାଧନର ଉତ୍ସରୁ ନିବୃତ୍ତ ରଖିଥାଏ । ଯଦିଚ ଏଥିରେ ସର୍ତ୍ତ ରହିଛି, ଯେ ଫଟୋ ସତ୍ ଉଦ୍ଦେଶ୍ୟରେ ତଥା ତାହାକୁ ନିଜ ଜୀବିକା ଅର୍ଜନର ମାଧ୍ୟମ ଅବା ଅକାରଣରେ ଉଠାଇବ ନାହିଁ । କାରଣ ଏପରି ଧୀରେ ଧୀରେ କୁପ୍ରଥା ଓ **ଶିର୍କ** ଆରମ୍ଭ ହୋଇ ଯାଇଥାଏ । ତେଣୁ ଏଥିପ୍ରତି ସଜାଗ ସତର୍କତା ଅବଲମ୍ବନ କରିବା ଅନିବାର୍ଯ୍ୟ । **ଇନ୍ନମଲ୍ ଆମାଲୁ ବିନ୍‌ନିୟାତ୍** ।

ଏହି କିସମର ଅପବିତ୍ର ପରମ୍ପରା ଆମ ଲୋକମାନଙ୍କ ମଧ୍ୟରେ ବି ଉତ୍ପନ୍ନ ହେଉଅଛି । ଅନେକ ଲୋକ ନିଜ ମୃତ ପରିଜନଙ୍କ ଫଟୋ (ଘରେ) ଲଗାଇଥା'ନ୍ତି । କେତେକ ଲୋକେ ବିବାହ ଉତ୍ସବର ଏକ ଫଟୋକୁ ବଡ ଫ୍ରେମ କରି ଲଗାଇଥା'ନ୍ତି, ଯେ ଆମ ପୂର୍ବଜମାନେ ଏଥିରେ ଅଛନ୍ତି ଓ ତାଙ୍କ ଅଭୁଲା ସ୍ମୃତିକୁ ମନେ ରଖିବା ପାଇଁ ଆମେ ଲଗାଇଛୁ । ମନେରଖ ! ଏସବୁ **ଶିର୍କ**, କୁପ୍ରଥା । ତେଣୁ ଏଥିରୁ ଦୂରେଇ ରହିବା ଉଚିତ୍ । କେବଳ ସତ୍ ଉଦ୍ଦେଶ୍ୟରେ ନିଜ ଆଲ୍‌ବମ୍‌ରେ ସାଇତି ରଖିବା ପର୍ଯ୍ୟନ୍ତ ଅନୁମତି ଅଛି । କିନ୍ତୁ ତାହାକୁ ସ୍ୱଭାବରେ ସାମିଲ କରିଦେବା ଓ ତାହାକୁ ପୁଣି ପ୍ରତ୍ୟେକ ଦିନ ସକାଳୁ ଦେଖିବା, **ସଲାମ୍** କରିବା ଇତ୍ୟାଦି ଖୋଲମଖୋଲା କୁପ୍ରଥା । ହଜରତ ମୌଲାନା ଗୁଲାମ୍ ରସୁଲ୍ ରାଜିକୀ ସାହେବ[ର.ଅ]ଙ୍କ ୧୯୦୧ ମସିହାର ଏକ ଚର୍ଚ୍ଚା ରହିଛି । ସେ କୁହନ୍ତି; ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କ ସେବାରେ ଉପସ୍ଥିତ ଥିଲି, ହୁଜୁର[ଅ.ସ] ଇଶ୍ୱରଙ୍କ ଏକେଶ୍ୱରବାଦ ଉପରେ ଏକ ବକ୍ତୃତା ଦେଇ କହିଲେ; ଅନେକ ଲୋକ କାହାରି ଉପକାର କରିବା ଦ୍ୱାରା **ଅଲ୍‌ହମ୍‌ଦୁଲିଲ୍ଲାଃ** କହିବା ପରିବର୍ତ୍ତେ **ଜଯାକ୍‌ମୁଲ୍ଲାଃ** କହି ଦେଇଥା'ନ୍ତି । ଯେବେକି ଦେଖିବାକୁ ଗଲେ ଏଥିରେ ପ୍ରଚ୍ଛନ୍ନ **ଶିର୍କ**ର ଆଂଶିକ ପ୍ରଭାବ ରହିଛି । କାରଣ ଦୟାକାରୀ ସତ୍ତା ହେଉଛନ୍ତି ଅଲ୍ଲାଃତାଲା । ଏଥିପାଇଁ ଏହା ଆବଶ୍ୟକ ଯେ ସର୍ବପ୍ରଥମେ ଅଲ୍ଲାଃଙ୍କର ଗୁଣଗାନ କର, ତା'ପରେ **ଜଯାକ୍‌ମୁଲ୍ଲାଃ** କୁହ ।

ହଜରତ ଭାଇ ଅବ୍ଦୁର୍ ରହେମାନ୍ ସାହେବ କାଦିୟାନୀ[ର.ଅ] ହୁଜୁର[ଅ.ସ]ଙ୍କର ଲାହୋରର ଶେଷ ଯାତ୍ରା ଉପରେ ଆଧାରିତ ଏକ ବ୍ୟାଖ୍ୟାତ୍ମକ ପ୍ରବନ୍ଧ ଉଲ୍ଲେଖ କରି କହନ୍ତି; ଦେହତ୍ୟାଗ କରିବାର କିଛିଦିନ ପୂର୍ବରୁ ହୁଜୁର[ଅ.ସ]ଙ୍କୁ ସାକ୍ଷାତ କରିବା ସକାଶେ କିଛି ମହିଳା ଆସି ପହଞ୍ଚିଲେ । ସେତେବେଳେ ହୁଜୁର[ଅ.ସ] ଅତି ବ୍ୟସ୍ତ ଥିଲେ, ତେଣୁ ମହାଭାଗ ସେମାନଙ୍କୁ ଶୀଘ୍ର ବିଦାୟ ଦେବାକୁ ଚାହିଁଲେ, କିନ୍ତୁ ସେମାନେ କହିଲେ, ହୁଜୁର ଆମମାନଙ୍କୁ କିଛି ଉପଦେଶ ଦିଅନ୍ତୁ । ଅତି ବ୍ୟସ୍ତତା ସତ୍ତ୍ୱେ ମହାଭାଗ ସେମାନଙ୍କ ନିବେଦନ ଗ୍ରହଣ କରି ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ରହିବା ଓ ମୂର୍ତ୍ତିପୂଜାରୁ (ସମ୍ପୂର୍ଣ୍ଣ) ବିରତ ରହିବାକୁ ସେମାନଙ୍କୁ ଉପଦେଶ ଦେଲେ । ହୁଜୁର[ଅ.ସ] ଆଉ ଏକ ଭାଷଣରେ କହିଲେ; ଇସା ମସିହଙ୍କୁ ମରିବାକୁ ଦିଅ, ଏଥିରେ ଇସଲାମ୍ ଜୀବିତ ରହିପାରିବ । ମସିହ ମୁହମ୍ମଦୀଙ୍କୁ ଅସିବାକୁ ଦିଅ, ସେଥିରେ ହିଁ ଇସଲାମ୍‌ର ମର୍ଯ୍ୟାଦା ଓ ଗରିମା ବଳବତ୍ତର ରହିବ ।

ସୁତରାଂ ଏକେଶ୍ୱରବାଦର ବାର୍ତ୍ତା ପହଞ୍ଚାଇବା ଓ ତାହାକୁ ନିଜ ଜୀବନର ଅଂଶ ବିଶେଷ କରିବା ସକାଶେ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ଆଜି ଏହା କେବଳ ମସିହ ମୁହମ୍ମଦୀଙ୍କର କାର୍ଯ୍ୟ । ଅଲ୍ଲାଃତାଲା ଆମମାନଙ୍କୁ ଏହି କାର୍ଯ୍ୟକୁ ଉତ୍ତମ ରୂପେ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** । ପରିଶେଷରେ ହୁଜୁର ଅନଓ୍ୱର[ଅ.ବ] ବିଶ୍ୱର ସାମ୍ପ୍ରତିକ ଉତ୍କଟ ପରିସ୍ଥିତି ଓ ମୁସଲମାନ ସମ୍ପ୍ରଦାୟ ପାଇଁ ଦୁଆ କରିବାକୁ ଆହ୍ୱାନ ଦେଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲାଲ୍ଲାହୁ ୱ୍‌ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍‌ଲ୍ ଇହ୍‌ସାନି ୱ୍‌ଇତାଇଜିଲ କୁର୍‌ବା ୱ୍‌ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍‌ଲ୍ ମୁନ୍‌କରି ୱ୍‌ଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

10th April 2026

*Translated to Odia by :* Moulavi Anwar Ahmad Khan